# ବନ୍ଧୁଘର ଓ ବିବାହ
# ସଂକ୍ରାନ୍ତୀୟ
# ଜରୁରୀ ଉପଦେଶ

ପ୍ରକାଶକ
ନଜାରତ ଇସଲାହ୍ ଇରଶାଦ୍ ମରକଜିୟା

# ବନ୍ଧୁଘର ଓ ବିବାହ

## ସଂକ୍ରାନ୍ତୀୟ

# ଜରୁରୀ ଉପଦେଶ

ପ୍ରକାଶକ :ନଜାରତ ଇସଲାହ୍ ଇରଶାଦ୍ ମର୍‌କଜିୟା

| | |
|---|---|
| Name of the Book | Bandhu Ghara O Bibaha Sankrantiya Jaruri Upadesha (Odia)<br>(Rista Nata Wa Shadi Biyah Ke muta-alliq Zaruri Hidayat) |
| Compiled | Office Rishta Nata Bharat |
| Present Edition | 2018 |
| Quantity | 1000 |
| Printed at | Fazl e Umar Printing Press, Qadian |
| Published by | Nazarat Islah-O-Irshad, Markaziyya Qadian |

# ପ୍ରାକ କଥନ

ଅଲ୍ଲାଃତାଲାଙ୍କର ଆମ ଉପରେ ଅଶେଷ କୃପା ଯେ ସେ ଆମକୁ ହଜରତ ମସିହ ମଉଦ[ଅସ]ଙ୍କୁ ଚିହ୍ନିବା ଓ ତାଙ୍କ ମାନ୍ୟତା ସ୍ୱୀକାର କରିବାକୁ ଶକ୍ତି ପ୍ରଦାନ କରିଛନ୍ତି । ସେ ଆମକୁ ନାନା ପ୍ରକାର ଅପସଂସ୍କୃତି, ଅନ୍ଧବିଶ୍ୱାସ ଓ କୁପ୍ରଥାରୁ ମୁକ୍ତି ପ୍ରଦାନ କରିଛନ୍ତି, ଯେଉଁ ମୃତ୍ୟୁକୁଣ୍ଡରେ ଆଜି ସଂସାର ଧସି ହୋଇଚାଲିଛି ।

ହଜରତ ମସିହ ମଉଦ[ଅସ]ଙ୍କ ଅନ୍ତେ ତାଙ୍କ ଖଲିଫାଙ୍କ ଦ୍ୱରା ମାର୍ଗଦର୍ଶନ ଜମାଅତକୁ ହାସଲ ହେଉଛି । ବର୍ତ୍ତମାନ ତାଙ୍କ ପଞ୍ଚମ ଖଲିଫା ସୟଦନା ହଜରତ ମିର୍ଜା ମସ୍‌ରୁର ଅହମଦ[ଅବ]ଙ୍କ ଶିକ୍ଷା, ସଂସ୍କାର ଓ ପ୍ରଶିକ୍ଷଣ ମାଧ୍ୟମରେ ପ୍ରତିକ୍ଷଣ ପାଦେ ପାଦେ ଜମାଅତ ଲାଭବାନ ହେଉଛି ।

ଇସଲାମୀୟ ଶିକ୍ଷାର ଦିଗ୍‌ଦର୍ଶନରେ ପବିତ୍ର ଓ ଶାନ୍ତିପୂର୍ଣ୍ଣ ଜୀବନ ଅତିବାହିତ କରିବା ଓ ଭବିଷ୍ୟତରେ ଏକ ପୁଣ୍ୟ ତଥା ପବିତ୍ର ପିଢି ସୃଷ୍ଟି କରିବା ନିମନ୍ତେ ବିବାହ କରିବାକୁ ଅନିବାର୍ଯ୍ୟ କରାଯାଇଛି । ବୈବାହିକ ଜୀବନ ନିମନ୍ତେ ପୁରୁଷ ପାଇଁ ଏହା ଆବଶ୍ୟକ ଯେ ସେ ନିଜ କର୍ତ୍ତବ୍ୟ ସୂଚାରୁ ରୂପେ ନିର୍ବାହ କରନ୍ତୁ । ସାଧାରଣତଃ ବିବାହ ବନ୍ଧନ ଅତ୍ୟନ୍ତ ସମ୍ବେଦନଶୀଳ ବିଷୟ । ଏଥିରେ ଶରିୟତର ନିୟମକୁ ଅଣଦେଖା କଲେ ଅସଂଖ୍ୟ ସମସ୍ୟା ଉପୁଜିଥାଏ । ଯଦ୍ୱାରା ବୈବାହିକ ଜୀବନରୁ ଶାନ୍ତି ଉଠି ଯାଇଥାଏ । ଏହାର ଅନେକ ଉଦାହରଣ ଆଜି ଆମ ସମାଜରେ ଦେଖିବାକୁ ମିଳୁଛି । ଯଦି ସେଥି ନିମନ୍ତେ ସଠିକ୍ ମାର୍ଗଦର୍ଶନ ହୋଇଯାଏ ତେବେ ସାଂସାରିକ ଜୀବନରେ ପୁଣି ଥରେ ସୁଖଶାନ୍ତି ଫେରି ଆସିବ ।

ତେଣୁ ଜମାଅତ ଅହମଦିୟା ଉପରେ ଅଲ୍ଲାଃତାଲାଙ୍କର ଅଶେଷ କୃପା ଯେ ସେ ଆମକୁ ସମୟର ଖଲିଫାଙ୍କ ମାର୍ଗଦର୍ଶନ ଲାଭ କରିବାର ସୌଭାଗ୍ୟ ପ୍ରଦାନ କରିଛନ୍ତି । ଆମେ ତାଙ୍କ ନିର୍ଦ୍ଦେଶକୁ ଅନୁସରଣ କରି ସମାଜରେ ଏକ ଶାନ୍ତିପୂର୍ଣ୍ଣ ପରିବେଶ ପ୍ରତିଷ୍ଠା କରିପାରିବା ।

ଏହି ପତ୍ରିକା ବନ୍ଧୁଘର ଓ ବିବାହ ନିମନ୍ତେ ଜରୁରୀ ଉପଦେଶାବଳୀ ମଧ୍ୟରେ ହଜରତ ମସିହ ମଉଦ[ଅସ] ଓ ହଜୁର ଅନଓ୍ୱର[ଅବ]ଙ୍କ ଗୁରୁତ୍ୱପୂର୍ଣ୍ଣ ଉପଦେଶ ଉଲ୍ଲେଖ ରହିଛି, ଯଦ୍ୱାରା ସେହିସବୁ ନୀତିଶିକ୍ଷା ଉପରେ ପାଳନ କରି ଆମେ ନିଜ ବୈବାହିକ ଜୀବନକୁ ସୁବାସିତ ଓ ସୌନ୍ଦର୍ଯ୍ୟମୟ କରିପାରିବା । ଅଲ୍ଲାଃତାଲା ଆମକୁ ଏଥିପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । (ଆମିନ୍)

ନଜାରତ ଇସଲାହ୍ ଇରଶାଦ୍ ମର୍‌କଜିୟା
(କେନ୍ଦ୍ରୀୟ ସୁଧାର ଓ ପାଳନ ନିର୍ଦ୍ଦେଶାଳୟ)

بِسۡمِ اللّٰہِ الرَّحۡمٰنِ الرَّحِیۡمِ

# ବନ୍ଧୁଘର ଓ ବିବାହ ସଂକ୍ରାନ୍ତୀୟ ଜରୁରୀ ଉପଦେଶ

ଅଲ୍ଲାଃତାଲା ପବିତ୍ର କୁରଆନରେ ବର୍ଣ୍ଣନା କରିଛନ୍ତି :

يٰۤاَيُّهَا الَّذِيۡنَ اٰمَنُوا اتَّقُوا اللّٰهَ وَقُوۡلُوۡا قَوۡلًا سَدِيۡدًا

ଅର୍ଥାତ 'ହେ ସମସ୍ତ ବିଶ୍ୱାସକାରୀଗଣ! ଧର୍ମପରାୟଣ ହୁଅ ଏବଂ ସିଧାସଳଖ ଓ ନିଷ୍କପଟ କଥା କୁହ।' **(ଅଲ୍ ଅହଜାବ୍ ୭୧)**

يٰۤاَيُّهَا الَّذِيۡنَ اٰمَنُوا اتَّقُوا اللّٰهَ وَلۡتَنۡظُرۡ نَفۡسٌ مَّا قَدَّمَتۡ لِغَدٍ ۚ وَاتَّقُوا اللّٰهَ ؕ اِنَّ اللّٰهَ خَبِيۡرٌۢ بِمَا تَعۡمَلُوۡنَ ○

ଅର୍ଥାତ 'ହେ ସମସ୍ତ ବିଶ୍ୱାସକାରୀଗଣ! ଧର୍ମପରାୟଣ ହୁଅ ଏବଂ ପ୍ରତ୍ୟେକ ମନୁଷ୍ୟ ଏହା ଲକ୍ଷ୍ୟ ରଖୁ ଯେ, ସେ ଆଗାମୀ ସମୟ ପାଇଁ କ'ଣ କର୍ମ କରୁଅଛି । ଧର୍ମପରାୟଣ ହୁଅ, ନିଶ୍ଚିତ ରୂପେ ତୁମେ ଯାହା କର୍ମ କରୁଛ ସେଥିପ୍ରତି ଅଲ୍ଲାଃ ଲକ୍ଷ୍ୟ ରଖିଛନ୍ତି।' **(ଅଲ୍ ହଶର୍ ୧୯)**

ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ[ସଅ] କହିଛନ୍ତି:

'ପତ୍ନୀର ଚୟନ କରିବା ସମୟରେ ସାଧାରଣତଃ ଚାରୋଟି ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ଧ୍ୟାନ ରଖିବା ଉଚିତ୍ । କିଛି ଲୋକ ଧନସମ୍ପତ୍ତି

ହାସଲ କରିବା ଉଦ୍ଦେଶ୍ୟରେ ବିବାହ କରିଥାନ୍ତି । କେତେକ କନ୍ୟାର ଉଚ୍ଚ ବଂଶ ଓ ଆଭିଜାତ୍ୟ ଦେଖି ବିବାହ କରିଥାନ୍ତି । ଅନ୍ୟ କେତେକ ଝିଅଟିର ସୌନ୍ଦର୍ଯ୍ୟକୁ ପ୍ରାଧାନ୍ୟ ଦେଇ ନିଜ ଚୟନକୁ ମୂଳ ଆଧାର କରିଥାନ୍ତି । ପୁଣି କେତେକ ଲୋକ କନ୍ୟାର ଧର୍ମପରାୟଣତା ଓ ଚରିତ୍ର ଦେଖି ବିବାହର ନିଷ୍ପତ୍ତି ନେଇଥାନ୍ତି । ତେଣୁ ହେ ମୁସଲମାନଗଣ ! ତୁମେ ଧର୍ମପରାୟଣ ଓ ଚରିତ୍ରବାନ ଜୀବନ ସଙ୍ଗୀନିର ଚୟନ କରି ନିଜ ଜୀବନକୁ ଚରିଥାର୍ଥ କରିବା ପାଇଁ ପ୍ରୟାସ କର । ନଚେତ୍ ସର୍ବଦା ତୁମର ହାତ ମାଟିରେ ମଳିନ ହୋଇ ରହିବ ।’ **(ବୁଖାରି କିତାବୁନ୍ ନିକାହ)**

ଏହି ଯୁଗରେ ଅଲ୍ଲାଃତାଲା ହଜରତ ମସିହ ମଉଦ[ଅସ]ଙ୍କ ଆଗମନର ଉଦ୍ଦେଶ୍ୟ ଇସଲାମର ସୁଧାର ଓ ଶରିୟତର ପୁନଃପ୍ରତିଷ୍ଠା ଥିଲା । ହଜୁର[ଅସ] ବନ୍ଧୁଘର ଓ ବିବାହ ସମ୍ପର୍କ ସ୍ଥାପନ ସମ୍ପର୍କରେ ଯେଉଁ ଉପଦେଶମାନ ଦେଇଛନ୍ତି ତଥା ସାଂପ୍ରତିକ ଖଲିଫାଙ୍କ ଦ୍ୱାରା ଯେଉଁ ନିର୍ଦ୍ଦେଶମାନ ଆମର ହସ୍ତଗତ ହୋଇଚାଲିଛି, ତାହା ହେଉଛି ଆମମାନଙ୍କ ମାର୍ଗଦର୍ଶନ ପାଇଁ ଯଥୋଚିତ ନିତୀଶିକ୍ଷା । ତେଣୁ ଯଦି ଆମେ ଆମର ଅହମଦି ସମାଜକୁ ସ୍ୱର୍ଗପୁରରେ ପରିଣତ କରିବାର ଇଚ୍ଛା ପୋଷଣ କରୁଛେ, ତେବେ ଆମର ଏହା କର୍ତ୍ତବ୍ୟ ହେବ ଯେ, ଆମେ ଏହି ସମସ୍ତ ଅମୂଲ୍ୟ ଉପଦେଶଗୁଡ଼ିକୁ ଅକ୍ଷରେ ଅକ୍ଷରେ ପାଳନ କରିବା ଉଚିତ ।

## ଜମାଅତରେ ମଧ୍ୟରେ ହିଁ ବନ୍ଧୁଘର କରିବା ସମ୍ବନ୍ଧରେ ନିର୍ଦ୍ଦେଶ

ଜମାଅତ ଅହମଦିୟାର ସଦସ୍ୟଗଣ ସର୍ବଦା ଏହି ଚେଷ୍ଟା ଜାରି ରଖିବା ଉଚିତ୍ ଯେ, ଯେତେଦୂର ସମ୍ଭବ ଯୁବକ ଓ ଯୁବତୀମାନଙ୍କ ବିବାହ ବନ୍ଧନ ଅହମଦି ଘରେ କରାଯାଉ । ଏଥିସମ୍ବନ୍ଧରେ ହଜରତ ମସିହ ମଉଦ[ଅସ] ୧୮୯୮ ମସିହାରେ ଏକ ପତ୍ରିକା ପ୍ରକାଶିତ କରି ସେଥିରେ ନିଜ ଅନୁଗାମୀମାନଙ୍କୁ ଉପଦେଶ ଛଳରେ କହିଲେ

‘ଅହମଦି ଯୁବତୀର ବିବାହ ଅଣଅହମଦିଙ୍କ ସହିତ କରନ୍ତୁ ନାହିଁ ।’

ସୁତରାଂ ଜଣେ ଅନୁଚର ନିଜ କନ୍ୟାର ବିବାହ ନିଜ ବନ୍ଧୁ ଯେ କି ଜଣେ ଅଣଅହମଦି ଥିଲେ, ତାଙ୍କ ସହିତ କରିବାକୁ ହଜରତ ମସିହ ମଉଦ[ଅସ]ଙ୍କ ଠାରୁ ଅନୁମତି ମାଗିଲେ । ଏଥିରେ ହଜୁର[ଅସ] ଅତ୍ୟନ୍ତ କ୍ଷୁବ୍ଧ ହୋଇ କହିଲେ 'ଏପରି କରିବା ସମ୍ପୂର୍ଣ୍ଣ ରୂପେ ଆମ ନୀତି ନିୟମର ବିପରୀତ ଯେ ଆପଣ ନିଜ କନ୍ୟାକୁ ଏକ ଏପରି ଯୁବକ ହାତରେ ଟେକି ଦେବାକୁ ଯାଉଛନ୍ତି ଯେକି ଏହି ଜମାଅତର ଅନ୍ତର୍ଭୁକ୍ତ ନୁହେଁ । ଏହା କରିବା ପାପ ।'

ହଜୁର[ଅସ] ଆହୁରି କହିଛନ୍ତି 'ଏହା ହିଁ ଆପଣଙ୍କ ପରୀକ୍ଷାର ସମୟ । ସଂସାର ପରିବର୍ତ୍ତେ ଧର୍ମକୁ ପ୍ରାଥମିକତା ଦେବା ଉଚିତ୍ । ଅନୁଚରମାନେ ଧର୍ମ ପାଇଁ ନିଜ ପିତା ଓ ପୁତ୍ରମାନଙ୍କୁ ହତ୍ୟା କରି ଦେଇଥିଲେ । କ'ଣ ଧର୍ମର ସମ୍ମାନ ବଜାୟ ରଖିବା ସକାଶେ ତୁମେ ନିଜର ଜଣେ ଭଉଣୀକୁ ଅସନ୍ତୁଷ୍ଟ କରିପାରିବ ନାହିଁ.. । ତେଣୁ ମୋର ଏହା ନିର୍ଣ୍ଣାୟକ ଆଦେଶ ଯେ, ଯେଉଁ ଯୁବକ ଅଣଅହମଦି ହୋଇଥିବ ତାହାକୁ ନିଜ କନ୍ୟା ସମର୍ପି ଦେବା ପାପର ଅନ୍ତର୍ଭୁକ୍ତ ।'

(ହଜରତ ମସିହ ମଉଦ[ଅସ]ଙ୍କର ଫଜଲେ ରହମାନଙ୍କୁ ପତ୍ର ୧୭.୪.୧୯୦୭)

ହଜରତ ମସିହ ମଉଦ[ଅସ] କହିଛନ୍ତି 'ଏକଥା ସୁସ୍ପଷ୍ଟ ଯେ ଯେଉଁମାନେ ବିରୋଧି ମୌଲବିମାନଙ୍କ ପ୍ରଭାବରେ ଈର୍ଷା ପରାୟଣତା, କୃପଣତା ଓ ଶତ୍ରୁତାର ଶୀର୍ଷରେ ପହଞ୍ଚିଗଲେଣି, ସେମାନଙ୍କୁ ଆମ ଜମାଅତ ସହିତ ସଂଶ୍ଳିଷ୍ଟ କରିବା ଦୁର୍ବିସହ ହୋଇ ଯାଉଛି । ଯେପର୍ଯ୍ୟନ୍ତ ସେମାନେ କ୍ଷମା ପ୍ରାର୍ଥନା କରି ଏହି ଜମାଅତର ଅନ୍ତର୍ଭୁକ୍ତ ହୋଇଯାଇ ନାହାନ୍ତି, ଏହା କରିବା ସମ୍ଭବ ନୁହେଁ । ବର୍ତ୍ତମାନ ଏହି ଜମାଅତ ସେମାନଙ୍କର ଆବଶ୍ୟକତା ଲୋଡୁ ନାହିଁ । ଧନ, ଜ୍ଞାନ, ଶ୍ରେଷ୍ଠତା, ମର୍ଯ୍ୟାଦା, ପବିତ୍ରତା, ଈଶ୍ୱର ଭୟ ଇତ୍ୟାଦିରେ ସେମାନଙ୍କ ତୁଳନାରେ ପ୍ରାଧନ୍ୟ ରଖୁଥିବା ଏକାଧିକ ଲୋକ ଏହି ଜମାଅତରେ ରହିଛନ୍ତି ଏବଂ ପ୍ରତ୍ୟେକ ମୁସଲିମ ଗୋଷ୍ଠୀ ମଧ୍ୟରୁ ବହୁ ଲୋକ ଆସି ଏହି ଜମାଅତରେ

ସାମିଲ ହେଉଛନ୍ତି । ଏପରି ସ୍ଥଳେ ଏହାର କୌଣସି ଆବଶ୍ୟକତା ନାହିଁ ଯେ, ଆମ ଜମାଅତର ଲୋକେ ସେମାନଙ୍କ ସହିତ ନୂତନ ବନ୍ଧୁତ୍ୱର ସମ୍ପର୍କ ସ୍ଥାପନ କରନ୍ତୁ, ଯେଉଁମାନେ କି ଆମକୁ ଅମାନ୍ୟକାରୀ ବୋଲି କହୁଛନ୍ତି ଓ ଆମ ନାମ ଦଜ୍ଜାଲ ରଖୁଛନ୍ତି ଅଥବା ନିଜେ ତ ନୁହେଁ କିନ୍ତୁ ଅଥଚ ନିଜେ ସେହି ବିରୋଧି ଲୋକମାନଙ୍କ ପ୍ରଶଂସାକାରୀ ଓ ତାଙ୍କ ଅନୁସରଣକାରୀ । ମନେରଖନ୍ତୁ, ଯେଉଁମାନେ ଏପରି ଲୋକମାନଙ୍କ ସଙ୍ଗତି ଛାଡ଼ି ପାରିନଥାନ୍ତି ସେ ଆମ ଜମାଅତରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟ ନୁହନ୍ତି । ଯେପର୍ଯ୍ୟନ୍ତ ପବିତ୍ରତା ଓ ସତ୍ୟନିଷ୍ଠ ହେବା ନିମନ୍ତେ ଜଣେ ଭାଇ ଅନ୍ୟ ଜଣେ ଭାଇକୁ ପରିତ୍ୟାଗ କରିନଥାଏ ଏବଂ ଜଣେ ପିତା ନିଜ ପୁତ୍ରଠାରୁ ଅଲଗା ହୋଇ ନଥାଏ ,ସେପର୍ଯ୍ୟନ୍ତ ସେ ଆମ ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ ।

(ମଜମୁଆ ଇଶତିହାରାତ, ଭାଗ ୩, ପୃଷ୍ଠା ୫୦)

ଜମାଅତ ଅହମଦିୟାର ପଞ୍ଚମ ଖଲିଫା[ଅବ] କହିଛନ୍ତି :

'ଜମାଅତ ଅହମଦିୟାରେ ଏହା ନିଶ୍ଚିତ ରୂପେ ଧ୍ୟାନ ଦିଆଯିବା ଉଚିତ୍ ଯେ, ଜଣେ ଅହମଦି ଝିଅ ଯେଉଁ ସ୍ଥାନରେ ବିବାହ କରୁଛି କିମ୍ବା ଯେଉଁଠାରେ କରିବାର ଅଭିଳାଷ ରଖିଛି, ସେହି ଯୁବକ ଜଣକ ଅହମଦି ହୋଇଥିବା ଆବଶ୍ୟକ । କାରଣ ଏ ସମସ୍ତ କାର୍ଯ୍ୟର ଉଦ୍ଦେଶ୍ୟ ଏକ ସୁସ୍ଥ ପରମ୍ପରା ଯୁକ୍ତ ପରିବେଶ ସୃଷ୍ଟି କରିବା ତଥା ସତ୍‌କର୍ମ କରିବା ଓ ପୁଣ୍ୟବନ୍ତ ସନ୍ତାନ ଲାଭ କରିବା । ଯଦି ଅହମଦି ଯୁବକମାନେ ଅହମଦି ଯୁବତୀମାନଙ୍କୁ ବାଦ ଦେଇ ଅଣଅହମଦି ଯୁବତୀଙ୍କୁ ବିବାହ କରନ୍ତି, ତେବେ ପରିବେଶରେ ଓ ବଂଶ ପରମ୍ପରାରେ ବିଭ୍ରାଟ ସୃଷ୍ଟି ହେବାର ଆଶଙ୍କା ରହିଥାଏ । ନୂତନ ପିଢିର ଧାର୍ମିକତା ପଥଚ୍ୟୁତ ହେବାର ଭୟ ଉତ୍ପନ୍ନ ହୋଇଥାଏ । ଏଥି ନିମନ୍ତେ ଧାର୍ମିକ ଏକତା ଦେଖିବା ଜରୁରୀ, ଯେପରି ସାଂସାରିକ କ୍ଷେତ୍ରରେ ଦେଖା ଯାଇଥାଏ । ଆମ ଯୁବକ ଓ

ଯୁବତୀମାନଙ୍କ ମଧ୍ୟରେ କେତେକଙ୍କର ଅଣଅହମଦିଙ୍କ ସହିତ ବନ୍ଧୁ ବାନ୍ଧିବା ପ୍ରତି ଆଗ୍ରହ ରହିଥାଏ । ଏଥିପ୍ରତି ଧ୍ୟାନ ଦେବା ଅତ୍ୟନ୍ତ ଆବଶ୍ୟକ ବିଶେଷ କରି ଏଠାକାର ପୂର୍ଣ୍ଣ  ସ୍ୱାଧିନ ପରିବେଶରେ । ଏହି ଦୃଷ୍ଟିରୁ ଆମ କର୍ମକର୍ତ୍ତାଙ୍କ ଚିନ୍ତା ବହୁତ ବଢିଯାଇଛି ଯେ ବର୍ତ୍ତମାନ ଏପରି ଘଟଣା ବହୁ ସଂଖ୍ୟାରେ ବୃଦ୍ଧି ହେବାରେ ଲାଗିଛି ଯେପରି କି ସ୍ୱଇଚ୍ଛାରେ ଓ ନିର୍ଦ୍ୱନ୍ଦ୍ୱରେ ଅହମଦିମାନଙ୍କର ଅଣଅହମଦିଙ୍କ ସହିତ ବିବାହ କରାଯାଉଛି ।

(ଖୁତବା ଜୁମା, ୨୪ ଡିସେମ୍ବର, ୨୦୦୪)

ବିବାହ କରିବା ଏକ ଉତ୍ତମ କାର୍ଯ୍ୟ ନିଶ୍ଚୟ । ଅଲ୍ଲାଃତାଲା ମଧ୍ୟ ଏଥିପ୍ରତି ଆମର ଧ୍ୟାନ ଆକର୍ଷଣ କରିଛନ୍ତି ଏବଂ ହଜରତ ମୁହମ୍ମଦ[ସଅ] ମଧ୍ୟ ଏହାର ଗୁରୁତ୍ୱ ପ୍ରତି ଆମର ଦୃଷ୍ଟି ଆକର୍ଷିଣ କରିଛନ୍ତି । ଏପରି କି ଅଲ୍ଲାଃତାଲା ତ ବିଧବାମାନଙ୍କୁ ଏକ ପ୍ରକାରର ଆଦେଶ ଦେଇଛନ୍ତି ଯେ ସେମାନେ ନିଶ୍ଚିତ ରୂପେ ପୁନଃବିବାହ କରନ୍ତୁ ଓ ତାହାର ସମ୍ପର୍କୀୟମାନେ ଏଥିରେ ପ୍ରତିବନ୍ଧକ ସାଜନ୍ତୁ ନାହିଁ । ହଜୁର[ସଅ] ମଧ୍ୟ ନିଜର ଅନୁଚରମାନଙ୍କୁ ଏହିପରି ନିର୍ଦ୍ଦେଶ ଦେଉଥିଲେ, ବିବାହ କରିବାକୁ ସେମାନଙ୍କୁ ପ୍ରୋତ୍ସାହିତ କରୁଥିଲେ ଓ ସ୍ୱୟଂ ସମ୍ପର୍କ ମଧ୍ୟ ଯୋଡୁଥିଲେ । କିନ୍ତୁ ଏହି ସତ୍‌କର୍ମ ଅନେକାଂଶରେ କେତେକ ଅହମଦି ପରିବାରଙ୍କ ପାଇଁ ପରୀକ୍ଷାରେ ପଡିବା ଭଳି ହୋଇଥାଏ । ଏଥିରେ ଜମାଅତର ଶୃଙ୍ଖଳା ଦାୟିତ୍ୱରେ ଥିବା କର୍ମକର୍ତ୍ତାଙ୍କର କୌଣସି ଦୋଷ ନଥାଏ । କିନ୍ତୁ କେତେକ ଲୋକ ଜମାଅତର ବ୍ୟବସ୍ଥା ଉପରେ ଆରୋପ ଲଗାଇଥାନ୍ତି । ଏହା ସେତେବେଳେ ଘଟିଥାଏ ଯେତେବେଳେ ଜଣେ ସ୍ୱଇଚ୍ଛାରେ କୌଣସି ଅଣଅହମଦି ଯୁବତୀ କିମ୍ବା ମହିଳା ସହିତ ବିବାହ କରିଥାନ୍ତି । ତାର ଏହି ଭୟ ଥାଏ ଯେ ଜମାଅତର ବ୍ୟବସ୍ଥା ଆମକୁ ଭୁଲ ବୁଝିବ ଓ ମୋତେ ଏପରି କରିବାକୁ ଅନୁମତି ଦେବ ନାହିଁ କିମ୍ବା କେତେକ ସ୍ଥଳେ ଅଣଅହମଦି କନ୍ୟାପକ୍ଷ ସର୍ତ୍ତ ରଖି ଦେଇଥାନ୍ତି କି ନିକାହ କୌଣସି ଅଣଅହମଦି ମୌଲବି କିମ୍ବା ବ୍ୟକ୍ତି ପଢାଇବେ । ତେବେ ଏପରି ଲୋକ

ଜଣେ ଅଣଅହମଦିଙ୍କ ଠାରୁ ନିଜର ନିକାହ ପଢାଇ ନେଇଥାନ୍ତି । ଏହିପରି ଭାବରେ ସେମାନେ ଏକ ଗୁରୁତର ଭୁଲର ଶିକାର ହୋଇ ବସିଥାନ୍ତି, ଯାହା ତାଙ୍କୁ ହଜରତ ମସିହ ମଉଦ[ଅସ] ଙ୍କ ବୟତରୁ ମୁକ୍ତ କରିଦେଇଥାଏ । କାରଣ ଏହି ନିକାହ ପଢାଉଥିବା ବ୍ୟକ୍ତି ହଜରତ ମସିହ ମଉଦ[ଅସ] ଙ୍କର ଜଣେ ଅମାନ୍ୟକାରୀ ବ୍ୟକ୍ତି ହୋଇଥାଏ । ସାଧାରଣତଃ ଏପରି ଅହମଦି ଯୁବକ କିମ୍ୱା ତାଙ୍କ ପରିବାରବର୍ଗ ଏପରି ବିବାହରେ ତାକୁ ସାହାଯ୍ୟ କରି ଏହି ଘୋଷଣା କରିଥାନ୍ତି ଯେ, ସେ ହଜରତ ମସିହ ମଉଦ[ଅସ] ଙ୍କ ବୟତରୁ ଓହରି ଯାଇ ଜଣେ ବାହାର ମୌଲବି ଦ୍ୱାରା ନିକାହ ପାଠ କରାଇ **ନଉଜୁବିଲ୍ଲାଃ** ହଜୁର[ଅସ] ଙ୍କୁ ମିଥ୍ୟାବାଦୀ ରୂପେ ଦର୍ଶାଇଥାନ୍ତି ।'

'ସୁତରାଂ ପ୍ରତ୍ୟେକ ଅହମଦିଙ୍କୁ ସର୍ବଦା ନିଜର ଏହି ପ୍ରତିଶ୍ରୁତି ପାଳନ ପ୍ରତି ସଜାଗ ରହିବା ଅର୍ଥାତ ସଂସାର ପ୍ରାପ୍ତି ଉପରେ ଧର୍ମକୁ ପ୍ରାଧାନ୍ୟ ଦେବା ପ୍ରତି ଗୁରୁତ୍ୱ ଦେବା ଉଚିତ୍ । ଯେଉଁ ଠାରେ ଏଥିପ୍ରତି ସଚେତନ ରହିବ ଯେ ମୋର କର୍ମ ଦ୍ୱାରା ମୋ ବିଶ୍ୱାସ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି, ସେପରି ସ୍ଥଳେ ସମସ୍ତ ପ୍ରକାରର ସାଂସାରିକ ଅଭିଳାଷ ଓ କର୍ମ ଉପରେ ଜଣେ ନିଷ୍ଠାପର ଅହମଦିକୁ ଆଗରୁ ବନ୍ଧ ବାନ୍ଧିଦେବା ଉଚିତ୍ । ଯଦି ପ୍ରତ୍ୟେକ ଅହମଦି ଏହାକୁ ଚିହ୍ନି ତଦନୁଯାୟୀ କର୍ମ କରିବା ଆରମ୍ଭ କରିଦିଅନ୍ତି, ତେବେ ନିଶ୍ଚିତ ଭାବରେ ସେ ଅଲ୍ଲାଃଙ୍କ କୃପା ଦୃଷ୍ଟି ଲାଭ କରିବ । ଏହି ଯୁଗର ଇବ୍ରାହିମଙ୍କ ସହ ନିଷ୍ଠାପର ସମ୍ପର୍କ ସ୍ଥାପନକାରୀ ହେବ ଏବଂ ପ୍ରକୃତ ଅନୁଗାମୀ ଓ ଆଜ୍ଞାକାରୀ ସାବ୍ୟସ୍ତ ହେବ । ସଂକ୍ଷିପ୍ତ ରୂପେ ମୁଁ ଏହା କହିଦେବାକୁ ଚାହେଁ ଯେହେତୁ ଏହି ଦୋଷ ପାଇଁ ଦଣ୍ଡ ବିଧାନ କରିବାର ମାମଲା ମୋ ନିକଟକୁ ଆସିଥାଏ, ତେବେ ମୋତେ ବ୍ୟବସ୍ଥିତ ନିୟମାନୁଯାୟୀ ଦଣ୍ଡ ଦେବାକୁ ପଡ଼ିଥାଏ । କିନ୍ତୁ ଯେତେବେଳେ ମୁଁ କାହାରିକୁ ଦଣ୍ଡ ଦେଇଥାଏ, ସେତେବେଳେ ସବୁଠାରୁ ବେଶି କଷ୍ଟ ମୋତେ ହିଁ ପହଞ୍ଚିଥାଏ ।' (ଖୁତବା ଜୁମା ୪ଜୁଲାଇ ୨୦୦୮)

ଏହି କାରଣରୁ ହଜରତ ମସିହ ମଉଦ[ଅସ] ଓ ତାଙ୍କ ଖଲିଫାମାନେ ସର୍ବଦା ବିବାହ ସମ୍ପର୍କ ସ୍ଥାପନ ମାମଲାରେ ଧର୍ମକୁ ପ୍ରାଥମିକତା ଦେବା ପାଇଁ ଉପଦେଶ ଦେଇଛନ୍ତି । ଏହା ଠିକ୍ ଯେ ଆବଶ୍ୟକ ସ୍ଥଳେ ଖଲିଫାଙ୍କ ଠାରୁ ଅନୁମତି ନେଇ ଅଣଅହମଦି ଯୁବତୀ ସହିତ ବିବାହ କରାଯାଇଥାଏ ଓ ଅହମଦି ନିକାହ ପାଠକାରୀଙ୍କ ନିକାହ ପଢାଇବା ଦ୍ୱାରା ତାହା ସ୍ୱୀକୃତ ହୋଇଯାଇଥାଏ । କିନ୍ତୁ ଏପରି ସମ୍ପର୍କ ସ୍ଥାପନ ଦ୍ୱାରା ଦେଖିବାକୁ ଗଲେ ପିଲାମାନଙ୍କ ପ୍ରଶିକ୍ଷଣ ଦୃଷ୍ଟିରୁ ଏହି କାର୍ଯ୍ୟକୁ ଉତ୍ତମ କହିହେବ ନାହିଁ । ଅଧିକନ୍ତୁ ଅଣଅହମଦି ଓ ଅଣମୁସଲମାନ ଯୁବକ ସହିତ ନିକାହ କରିବା ସମ୍ବନ୍ଧରେ ହଜରତ ମସିହ ମଉଦ[ଅସ] ଆମକୁ ଦୃଢତାର ସହିତ ବାରଣ କରିଛନ୍ତି । ସୁତରାଂ ଯଦି କେହି ଅହମଦି ଯୁବତୀ ଅବା ପିତାମାତା ଏପରି କରନ୍ତି, ତେବେ ସେମାନେ ହଜୁରଙ୍କ ଅସନ୍ତୋଷରେ ଭାଗୀଦାରୀ ହୋଇଥାନ୍ତି ।

## ନୂତନ ବୟତକାରୀ ଯୁବକ ଯୁବତୀଙ୍କ ନିମନ୍ତେ ନିର୍ଦ୍ଦେଶ

**ଯଦି କେହି ଯୁବକ ବୟତ କରି ଜମାଅତର ଅନ୍ତର୍ଭୁକ୍ତ ହୁଏ, ତେବେ ତାହାର ପରୀକ୍ଷା ନିମନ୍ତେ ଅତି କମ୍‌ରେ ଏକ ବର୍ଷ ସମୟ ଧାର୍ଯ୍ୟ କରାଯାଇଛି ।**

ହଜୁର ଅନଓ୍ୱର[ଅବ]ଙ୍କ ନିର୍ଦ୍ଦେଶ ରହିଛି :

'ଯଦି କୌଣସି ଯୁବତୀ ବୟତ କରି ଜମାଅତର ଅନ୍ତର୍ଭୁକ୍ତ ହୁଏ ଓ ତାହାର କୌଣସି ଅହମଦି ଯୁବକ ସହ ବିବାହ କରିବାର ମାମଲା ଚାଲେ, ତେବେ ତାହା ପାଇଁ କୌଣସି ସମୟ ସୀମା ଧାର୍ଯ୍ୟ ହୋଇନାହିଁ । ଏଭଳି ମାମଲା ଉକ୍ତ ଅଞ୍ଚଳର ସଦର/ଅମୀର ଜମାଅତ, ସଂପୃକ୍ତ ବିଭାଗର ମୁଖ୍ୟ ଓ ନାଜର ଇସଲାହ ଓ ଇର୍‌ଶାଦ / ନାଜିମ୍ ଇର୍‌ଶାଦ ଓ୍ୱକଫେ ଜଦିଦ୍‌ଙ୍କ ରିପୋର୍ଟ ସହିତ ଓ ସହମତି କ୍ରମେ ମାର୍ଗଦର୍ଶନ ଉଦ୍ଦେଶ୍ୟରେ ମୁଖ୍ୟାଳୟକୁ ପଠାଇବାକୁ ହେବ । ଏଭଳି ସମସ୍ତ ପ୍ରକାରର ମାମଲାରେ ବିବାହର

ଅନୁମତି ଦେବା ବା ନ ଦେବାର କ୍ଷମତା ଖଲିଫାଙ୍କ ହାତରେ ସଂପୂର୍ଣ୍ଣ ରୂପେ ରହିଛି । (WTT-୫୨୬୬/୧୮.୯.୨୦୧୭)

ସୟଦନା ହଜୁର ଅନଓ୍ୱର[ଅବ] ରିଶ୍ତାନାତା କମିଟି (ବିବାହ ଘଟସୂତ୍ର) ସହିତ ଆଲୋଚନା କରି କହିଛନ୍ତି : **'କୌଣସି ଅହମଦି ଯୁବତୀକୁ ଅଣଅହମଦି ଅବା ଅଣମୁସଲମାନ ସହିତ ବିବାହ କରିବାର ଅନୁମତି ନାହିଁ ।'**

ହଜୁର ଆହୁରି କହିଛନ୍ତି : 'ଯେଉଁ ଯୁବକମାନେ ଅଣଅହମଦି କନ୍ୟାଙ୍କ ସହିତ ବିବାହ କରନ୍ତି, ସେମାନଙ୍କୁ ଜମାଅତରୁ ବହିଷ୍କାରର ଦଣ୍ଡ ଏଥିପାଇଁ ମିଳିଥାଏ ଯେ ସେମାନେ ଅଣଅହମଦି ମୌଲବି ଅବା କାଜି ଠାରୁ ନିଜର ନିକାହ ପଢାଇଥାନ୍ତି ।'

'ଯେଉଁ ବ୍ୟକ୍ତି ଅନୁମତି ହାସଲ କରି କୌଣସି ଅଣଅହମଦି ଯୁବତୀ ସହିତ ବିବାହ କରେ ଓ ତାହାର ନିକାହ ଜଣେ ଅହମଦି ପଢାନ୍ତି, ସେପରି ବିଶେଷ ପରିସ୍ଥିତି ଯୋଗୁଁ ତାହାକୁ ଅବଶ୍ୟ ସ୍ୱୀକୃତି ଦିଆଯାଇ ପାରେ ।'

(ଅଲ ଫଜଲ୍ ଇନଟରନ୍ୟାସନାଲ୍ ୨୮ ସେପଟେମ୍ବର ୨୦୧୨)

## କାଉନସିଲିଂ କରିବା

ହଜରୁ ଅନଓ୍ୱର[ଅବ]ଙ୍କର ନିର୍ଦ୍ଦେଶ ରହିଛି ଯେ ସମ୍ପର୍କ ଯୋଡ଼ିବା ପୂର୍ବରୁ ଯୁବକ, ଯୁବତୀ ଓ ସେମାନଙ୍କ ପିତାମାତାଙ୍କ ସହିତ ପରାମର୍ଶ କରିବା ଜରୁରୀ । ସେ ରିଶ୍ତାନାତା କମିଟି କାନାଡ଼ା ସହିତ ବୈଠକ କଲାବେଳେ ଏହିପରି କହିଥିଲେ :

'ପିତାମାତାଙ୍କୁ ପରାମର୍ଶ ଦେବାର ଆବଶ୍ୟକତା ରହିଛି । ପିତାମାତାଙ୍କୁ ଏକାକୀ ଡ଼ାକି ତାଙ୍କ ସହିତ ଆଲୋଚନା କରନ୍ତୁ ।' ହଜୁର କହିଲେ 'କେତେକ ମାତା ଶିକ୍ଷିତା ଥିବା ସ୍ଥଳେ କେତେକ ମଧ୍ୟ ଅଶିକ୍ଷିତା

ଥାନ୍ତି । ଉଭୟ ଶ୍ରେଣୀର ଚିନ୍ତାଧାରା ଭିନ୍ନ ଭିନ୍ନ ହୋଇଥାଏ । ତେଣୁ ସେମାନଙ୍କ ମାନସିକ ଚିନ୍ତାଧାରା ଅନୁଯାୟୀ ବିହିତ ପରାମର୍ଶ ଦେବା ଉଚିତ୍ ।'

'ପରାମର୍ଶ ଦେବା ସମୟରେ ସେମାନଙ୍କୁ ଅବଗତ କରାନ୍ତୁ କି ବିବାହ କରିବାର ଉଦ୍ଦେଶ୍ୟ କ'ଣ ? ଏଥି ସମ୍ବନ୍ଧରେ ଧର୍ମଗତ ଶିକ୍ଷା କ'ଣ ରହିଛି ଓ ତୁମର ଚିନ୍ତାଧାରା କ'ଣ ରହିଛି । ସେମାନଙ୍କୁ (ଏହି ପ୍ରଶ୍ନ କରନ୍ତୁ) କି ତୁମେ କେଉଁଠାରୁ ଆସିଅଛ, ତୁମେ କେଉଁ ବଂଶଧର, ତୁମ ଗୁରୁଜନମାନେ କିଭଳି ବଳିଦାନ ଦେଇଛନ୍ତି, ତୁମ ଉପରେ ଅଲ୍ଲାଃତାଲା କିଭଳି କୃପା ପ୍ରଦାନ କରିଛନ୍ତି । ବର୍ତ୍ତମାନ ସଂସାରର ମୋହମାୟାର ବନ୍ଧନରେ ବାନ୍ଧି ହୋଇ ତୁମେ ରହି ଯାଅନାହିଁ । ବରଂ ଅଲ୍ଲାଃଙ୍କ କୃପା ଅନ୍ୱେଷଣ କର ଓ ତାହାଙ୍କ ପୁରସ୍କାର ପ୍ରତି କୃତଜ୍ଞ ହୁଅ ଯେ ତୁମେ ଧର୍ମରେ ପ୍ରତିଷ୍ଠିତ ହୋଇ ରହିଛ । ନିଜ ବଂଶ ଓ ପରମ୍ପରାର ପୁଣ୍ୟ ଓ ଈଶ୍ୱର ଭୟକୁ ବଜାୟ ରଖିବା ସହିତ ନିଜ ଉଚ୍ଚ ଆଭିଜାତ୍ୟକୁ ପ୍ରତିଷ୍ଠିତ ରଖ ।' ହଜୁର ଅନଓ୍ୱର[ଅବ] କହିଲେ : 'ଅସଲ କଥା ହେଉଛି ସତ୍‌କର୍ମ କରିବା, ପୁଣ୍ୟ ଅର୍ଜନ କରିବା ଓ ମନରେ ଈଶ୍ୱରଭୟ ରଖିବା ଉଚିତ୍ ।'

ବିବାହ ସମ୍ପର୍କ ସ୍ଥାପନ ସମ୍ବନ୍ଧରେ ହଜୁର ଅନଓ୍ୱର[ଅବ]ଙ୍କର ମୂଲ୍ୟବାନ ଉପଦେଶ ପତ୍ରିକା ରୂପେ ପ୍ରକାଶିତ ହୋଇଛି ଓ ତାହାର ବିଭିନ୍ନ ଭାଷାରେ ଅନୁବାଦ ମଧ୍ୟ ହୋଇଛି । ଏହି ପତ୍ରିକାର ଓଡ଼ିଆ ଅନୁବାଦ **'ବିବାହ ପୂର୍ବରୁ ପରାମର୍ଶଗତ ନୋଟିସ'** ନାମରେ ପ୍ରକାଶ ପାଇଛି । କେନ୍ଦ୍ରୀୟ ନଜାରତ୍ ଇସଲାହ୍ ଇର୍‌ଶାଦରୁ ଉକ୍ତ ପତ୍ରିକା ହାସଲ କରାଯାଇପାରେ ।

## ଜରୁରୀ ନିର୍ଦ୍ଦେଶ

ନିକାହ ଫର୍ମ ପୂରଣ କରିବା ସମୟରେ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ

ପାଳନ କରିବା ନିତ୍ୟାନ୍ତ ଆବଶ୍ୟକ ।

❋ କନ୍ୟାର ୱ୍ଲି (ଅଭିଭାବକ) ତାହାର ଜନ୍ମକଲା ପିତା ହୋଇଥାଏ । ୱ୍ଲିର ହସ୍ତାକ୍ଷର ନିକାହ ଫର୍ମରେ ହେବା ଜରୁରୀ ।

❋ ଯଦି କନ୍ୟା ପିତାର ଦେହାନ୍ତ ଘଟିଯାଇଥାଏ, ତେବେ କ୍ରମାନ୍ୱୟରେ ଦଦା (ଜେଜେବାପା), ରକ୍ତର ଭାଇ, ଦ୍ୱିତୀୟ ମାତାଙ୍କ ଠାରୁ ଜନ୍ମିତ ଭାଇ, କକା ଆଦି ନିକଟ ସମ୍ପର୍କୀୟ (ପିତାଙ୍କ ତରଫରୁ) ବିବାହ ପାଇଁ ଉପଯୁକ୍ତ ଯୁବତୀର ୱ୍ଲି (କନ୍ୟାର ଅଭିଭାବକ) ହୋଇପାରିବେ । କିନ୍ତୁ ଯଦି ପିତାଙ୍କ ତରଫରୁ କେହି ଶରୟି ୱ୍ଲି ଉପସ୍ଥିତ ନଥାନ୍ତି କିମ୍ବା କନ୍ୟା ନିଜ ପିତାଙ୍କ ସମ୍ପର୍କୀୟମାନଙ୍କ ମଧ୍ୟରୁ କାହାରିକୁ ନିଜ ୱ୍ଲି ଧାର୍ଯ୍ୟ କରିବାକୁ ରାଜି ନହୁଅନ୍ତି, ତେବେ ଏପରି ମାମଲାର ନିଷ୍ପତ୍ତି ଧର୍ମକେନ୍ଦ୍ର କାଦିୟାନ (ମରକଜ୍)କୁ ଆସିବା ଉଚିତ୍ ଏବଂ ହଜୁର ଅନଓ୍ୱରଙ୍କ ଅନୁମତିକ୍ରମେ ତାହାର ୱ୍ଲି ଧାର୍ଯ୍ୟ କରାଯିବ । ୱ୍ଲି ହେବା ସମ୍ବନ୍ଧରେ ଯେଉଁ ପ୍ରକାରର ସମସ୍ୟା ଉପୁଜି ଥାଉନା କାହିଁକି, ତାହାର ସମାଧାନ ଖଲିଫାଙ୍କ ଅନୁମତି କ୍ରମେ ହେବ । ଏଥିନିମନ୍ତେ କନ୍ୟା ତରଫରୁ ନଜାରତ୍ ଇସଲାହ୍ ଇରଶାଦ୍ ମର୍କଜିୟାରେ ଆବେଦନ ପତ୍ର ସଦର/ଅମୀର ଜମାଅତଙ୍କ ମାଧ୍ୟମରେ ଆସିବା ଉଚିତ୍ । ବିନା ଅନୁମତିରେ ମରକଜ୍ କାହାରିକୁ ନିଜ ତରଫରୁ ୱ୍ଲି ଧାର୍ଯ୍ୟ କରିପାରିବ ନାହିଁ । ସମସ୍ତ ଅମିର/ସଦର/ମୁବଲିଗ୍ ଓ ମୋଅଲିମ୍ ସାହେବଙ୍କର କର୍ତ୍ତବ୍ୟ ହେଉଛି ଯେ ନିର୍ବନ୍ଧ ସମୟରେ ଏହା ତଦନ୍ତ କରିନେବେ ଯେ ଯେଉଁ ବ୍ୟକ୍ତି କନ୍ୟାର ୱ୍ଲି ହେବାକୁ ଯାଉଛନ୍ତି, କ'ଣ ଧାର୍ମିକ ଦୃଷ୍ଟିକୋଣରୁ ସେ ଏହାର ଯୋଗ୍ୟ କି ?

❋ ଯଦି ନିକାହରେ ଉପସ୍ଥିତ ହେବାକୁ ୱ୍ଲିର ସାମର୍ଥ୍ୟ ନଥାଏ, ତେବେ ସେ ନିଜ ତରଫରୁ କାହାରିକୁ ନିଜର ଓକିଲ ନିଯୁକ୍ତ କରିପାରିବ ।

କିନ୍ତୁ ନିକାହ ଫର୍ମରେ ଓ୍ୱଲିର ସ୍ୱାକ୍ଷର ସ୍ଥାନରେ କେବଳ ସେହି ଓ୍ୱଲିର ହିଁ ସ୍ୱାକ୍ଷର ରହିବ ଏବଂ ଓକିଲ ତାଙ୍କର ସ୍ୱାକ୍ଷର ରହିବା ସ୍ଥାନକୁ ନିଜେ ପୂରଣ କରିବେ ।

❋ ଯଦି କୌଣସି କାରଣରୁ ବିବାହ କରିବାକୁ ଯାଉଥିବା ବର ନିଜ ନିକାହରେ ଉପସ୍ଥିତ ହୋଇ ନପାରେ ତେବେ ସେ ମଧ୍ୟ କାହାରିକୁ ନିଜର ଓକିଲ ରୂପେ ନିଯୁକ୍ତ କରିପାରିବେ । ଏଠାରେ ମଧ୍ୟ ଓକିଲକୁ ନିଜ ସ୍ଥାନରେ ସ୍ୱାକ୍ଷର କରିବାକୁ ହେବ ।

❋ ଭାରତବର୍ଷର ଦେଶୀୟ ନିୟମ ମୁତାବକ ବିବାହ ନିମନ୍ତେ ଯୁବକକୁ ୨୧ ବର୍ଷ ବୟସ ଓ ଯୁବତୀକୁ ୧୮ ବର୍ଷ ହୋଇଥିବା ନିହାତି ଆବଶ୍ୟକ ।

❋ ହଜରତ ମୁସଲେହ ମଉଦ[ରଅ] ମହେର (ସ୍ତ୍ରୀଧନ) ସମ୍ବନ୍ଧରେ କହିଛନ୍ତି: ‘ମୁଁ ମହେର’ର ରାଶି ବରର ୬ ମାସରୁ ଏକ ବର୍ଷର ଆୟ ଧାର୍ଯ୍ୟ କରିଅଛି । ଯଦି କେହି ମୋତେ ମହେର ସମ୍ବନ୍ଧରେ ପରାମର୍ଶ ମାଗନ୍ତି, ତେବେ ତାହାକୁ ମୁଁ ଏହି ପରାମର୍ଶ ଦେଇଥାଏ ଯେ, ମହେର ନିମନ୍ତେ ନିଜର ଉପାର୍ଜିତ ୬ମାସରୁ ଏକ ବର୍ଷ ପର୍ଯ୍ୟନ୍ତ ଆୟର ପରିମାଣ ରଖିନିଅ । (ଅଲ ଫଜଲ୍ ୧ଡ଼ିସେମ୍ବର ୧୯୪୦)

ମନେରଖନ୍ତୁ ଯେ ମହେର ପରିଶୋଧ କରିବା ବରପକ୍ଷ ପରିବାରବର୍ଗଙ୍କର ପ୍ରଧାନ କର୍ତ୍ତବ୍ୟ, ଯାହା ପ୍ରାପ୍ତ କରିବାକୁ ପତ୍ନୀର ପୂର୍ଣ୍ଣ ଅଧିକାର ରହିଛି ।

❋ ବରକନ୍ୟା ଯେଉଁ ଯେଉଁ ଜମାଅତ ସହିତ ସମ୍ପର୍କ ରଖିଥାନ୍ତି, ଉକ୍ତ ଜମାଅତର ଅମୀର/ ସଦରଙ୍କର ନିକାହ ଫର୍ମ ଉପରେ ସେହି ବର ଜଣେ ଅହମଦି ହୋଇଥିବାର ପ୍ରମାଣ ନିଜ ମୋହର ସହିତ ସ୍ୱାକ୍ଷର କରିବା ଉଚିତ ।

❋ ଯୁବକ ଓ ଯୁବତୀ ଉଭୟ ଯଦି ଦେଶ ବାହାରେ ରହୁଥାନ୍ତି, ତେବେ

- ❋ ନିକାହ ଫର୍ମରେ ସେହି ଦେଶର ଜାତୀୟ ସଦର କିମ୍ବା ଜାତୀୟ ଅମୀର ସାହେବଙ୍କର ସ୍ୱୀକୃତି ପୂର୍ବକ ସ୍ୱାକ୍ଷର ମୋହର ସହିତ ହେବା ଜରୁରୀ । ଓକାଲତେ ତାମିଲ୍ ଓ ତନଫିଜ୍ ଲଣ୍ଡନଙ୍କ ଅନୁମତି ପରେ କାଦିୟାନ କିମ୍ବା ଭାରତର ଯେ କୌଣସି ଜମାଅତରେ ନିକାହର ଘୋଷଣା କରାଯାଇ ପାରିବ । ଏଥିନିମନ୍ତେ କାଦିୟାନରୁ ପ୍ରକାଶିତ ଫର୍ମ ବ୍ୟବହାର କରିବା ଜରୁରୀ ଏବଂ ସ୍ୱୀକୃତି ପ୍ରାପ୍ତ ନିକାହ ଫର୍ମ, ନିକାହ ଘୋଷଣା କରିବାର ଦୁଇ ସପ୍ତାହ ପୂର୍ବରୁ ପୂରଣ କରିବା ଆବଶ୍ୟକ । ନିକାହର ଘୋଷଣା ସମୟରେ ଅସଲ ନିକାହ ଫର୍ମ ରହିବା ଜରୁରୀ । ନକଲ ନିକାହ ଫର୍ମ ଉପରେ ନଜାରତ୍ ଇସଲାହ୍ ଓ ଇରଶାଦ୍ କୌଣସି ପଦକ୍ଷେପ ଗ୍ରହଣ କରିପାରିବେ ନାହିଁ ।
- ❋ ଯଦି ଯୁବତୀର ଦ୍ୱିତୀୟ ବିବାହ ହେଉଥାଏ ତେବେ ପୂର୍ବ ତଲାକ୍ ନାମା ଅବା ଖୁଲା ନାମା ସଂଲଗ୍ନ ରହିବା ଜରୁରୀ ।
- ❋ ନିକାହ ଘୋଷଣା ହେବାର ଏକ ମାସ ମଧ୍ୟରେ ନିକାହ ଫର୍ମ ମରକଜ୍‌କୁ ପ୍ରେରିତ ହେଉଥିବା ରେଜିଷ୍ଟର (ତାଲିକାଭୁକ୍ତ) କରିବା ଜରୁରୀ । ନିକାହ ଫର୍ମ ତାଲିକାଭୁକ୍ତ ହେବା ପରେ ଗୋଟିଏ ଫର୍ମ ବରକୁ ଓ ଆଉ ଗୋଟିଏ କନ୍ୟାର ଓ୍ୱଲିକୁ ପଠାଇ ଦିଆଯାଇଥାଏ । ଆଉ ଏକ ଫର୍ମ ସମ୍ପୃକ୍ତ କାର୍ଯ୍ୟାଳୟରେ ରଖାଯାଇଥାଏ ।
- ❋ କେତେକ ବିବାହିତ ଲୋକଙ୍କୁ ନିଜର କାର୍ଯ୍ୟରତ ଥିବା ସରକାରୀ କାର୍ଯ୍ୟାଳୟରେ ନିଜ ବିବାହ କିମ୍ବା ତଲାକ୍/ଖୁଲା ପ୍ରମାଣ ପତ୍ର ଦାଖଲ କରିବାକୁ ପଡ଼ିଥାଏ । ଏଥିନିମନ୍ତେ ରିସ୍ତାନାତା ବିଭାଗ ସହ ଯୋଗାଯୋଗ କଲେ ଇଂଗ୍ରାଜୀରେ ବିବାହ ପ୍ରମାଣ ପତ୍ର / ତଲାକ ନାମା ହସ୍ତଗତ ହୋଇଥାଏ ।
- ❋ ଜିଲ୍ଲା ସ୍ତରରେ ଅଲ୍ଲାଃଙ୍କ କୃପାରୁ ଜିଲାଇ ସେକ୍ରେଟାରୀ ରିସ୍ତାନାତା ରହିଥାନ୍ତି (ଯଦି କୌଣସି କାରଣରୁ ସେକ୍ରେଟାରୀ ଉପସ୍ଥିତ ନଥାନ୍ତି, ତେବେ ଜିଲାଇ ଅମୀର କୌଣସି ଭଦ୍ରବ୍ୟକ୍ତିଙ୍କୁ ସେକ୍ରେଟାରୀ

ରିଶ୍ତାନାତା ରୂପେ ନିଯୁକ୍ତ କରି ମରକଜ୍‌ରୁ ତାଙ୍କର ଅନୁମତି ହାସଲ କରିପାରିବେ) ।

❋ ଜିଲାଇ ସେକ୍ରେଟାରୀ ରିଶ୍ତାନାତାଙ୍କର କର୍ତ୍ତବ୍ୟ ହେଉଛି ଯେ ସେ ନିଜ ଜିଲ୍ଲା ଅନ୍ତର୍ଗତ ଜମାଅତମାନଙ୍କରେ ଥିବା ବିବାହଯୋଗ୍ୟ ଯୁବକ ଓ ଯୁବତୀଙ୍କର ସମସ୍ତ ବିବରଣୀ ମରକଜ୍ ଦ୍ୱାରା ପ୍ରେରିତ ଫର୍ମରେ ପୂରଣ କରି ତାକୁ ବିହିତ କାର୍ଯ୍ୟାନୁଷ୍ଠାନ ସକାଶେ ମରକଜ୍‌କୁ ପଠାଇବା ଓ ସ୍ଥାନୀୟ ଜମାଅତରେ ବିବାହ ସମସ୍ୟା ସମ୍ବନ୍ଧରେ ମରକଜ୍‌କୁ ଅବଗତ କରାଇବା ଓ ତାଙ୍କ ନିର୍ଦ୍ଦେଶକ୍ରମେ ଜମାଅତର ସଦସ୍ୟଙ୍କର ସାହାଯ୍ୟ ଓ ମାର୍ଗଦର୍ଶନ କରିବା ଉଚିତ୍ ।

ବନ୍ଧୁଘର ପ୍ରସ୍ତାବ ଓ ନିର୍ବନ୍ଧ କରିବା ସମ୍ବନ୍ଧରେ ହଜୁର ଅନଓ୍ୱର[ଅବ] କୁହିଛନ୍ତି:

'କର୍ମକର୍ତ୍ତା ଓ ମୁରବିମାନଙ୍କ ମଧ୍ୟରେ ପରସ୍ପର ସାହାଯ୍ୟ ସହଯୋଗ ରହିବା ଏକାନ୍ତ ଅପରିହାର୍ଯ୍ୟ । ଯଦି ଉଭୟ ପକ୍ଷ ଅହମଦି ହୋଇଥାନ୍ତି ଓ ସେଠାକାର ମୁବଲିଗ୍ ବନ୍ଧୁଘର କରାଇ ଦିଅନ୍ତି, ତେବେ କୌଣସି ପ୍ରକାରର ଯାଞ୍ଚ କରିବାର ଆବଶ୍ୟକତା ନାହିଁ । ଯଦି ସେ ଅହମଦି ହୋଇନଥାନ୍ତି କିମ୍ବା ନୂତନ ଅହମଦି ହୋଇଥାନ୍ତି, ତେବେ ସେପରି ସ୍ଥଳେ ସେକ୍ରେଟାରୀ ଇସ୍‌ଲାହ ଓ ଇରଶାଦ୍ ଓ ଅମୀର ଜମାଅତଙ୍କ ସ୍ୱୀକୃତି ପରେ ବିବାହ ଓ ନିକାହ ସମ୍ପନ୍ନ କରାଯିବ । (WTT-୫୩/୦୪.୧୧.୨୦୧୫)

## ନିକାହ ଫର୍ମକୁ ସତର୍କତା ସହିତ ପୂରଣ କରନ୍ତୁ

❋ ନିର୍ଦ୍ଦେଶନାମା ରହିଥିବା ସେହି ପୃଷ୍ଠା ଯାହାକି ପ୍ରତ୍ୟେକ ନିକାହ ଫର୍ମ ସହିତ ସଂଲଗ୍ନ ହୋଇଥାଏ, ନିକାହ ଫର୍ମ ପୂରଣ କରିବା ପୂର୍ବରୁ ଭଲ ଭାବରେ ପାଠ କରିନେବା ଉଚିତ୍ ଓ ସେଥିରେ ଲିଖିତ ନିର୍ଦ୍ଦେଶ ମୁତାବକ ଫର୍ମ ପୂରଣ କରିବା ଉଚିତ୍ ।

- ❋ ବର ଓ କନ୍ୟା ନିକାହ ଫର୍ମରେ ନାମ ଉଲ୍ଲେଖ କରିବା ସମୟରେ ସମସ୍ତ ନିର୍ଦ୍ଦେଶାବଳୀ (ନାମ/ପିତାଙ୍କ ନାମ/ଜନ୍ମ ତାରିଖ/ବୟସ ଆଦି) ଜନ୍ମ ପ୍ରମାଣ ପତ୍ର ଅନୁଯାୟୀ ପୂରଣ କରିବା ଉଚିତ୍ । ବିଶେଷ ରୂପେ ନାମ ନିର୍ଭୂଲ ଭାବରେ ଲେଖିବା ଉଚିତ୍ । ସମସ୍ତ ପ୍ରଦତ୍ତ ବିଷୟ ଆଧାର କାର୍ଡ଼ କିମ୍ବା ଅନ୍ୟ ପ୍ରମାଣ ପତ୍ର ମୁତାବକ ହେବା ଉଚିତ୍ ।
- ❋ ଜନ୍ମ ତାରିଖ ଲେଖିବା ସମୟରେ ସରକାରୀ ନଥିପତ୍ରକୁ ନିଜ ସମ୍ମୁଖରେ ରଖିବା ଉଚିତ୍ । ଯେଉଁ ପ୍ରମାଣ ପତ୍ର ଆଧାରରେ ଆପଣ ନିଜର ସମସ୍ତ ସରକାରୀ କାଗଜପତ୍ର ପ୍ରସ୍ତୁତ କରିଛନ୍ତି କିମ୍ବା କରିବାର ଅଛି ତଦନୁଯାୟୀ ନିକାହ ଫର୍ମରେ ଜନ୍ମ ତାରିଖ ଲେଖିବା ଉଚିତ୍ ।
- ❋ ଲେଖା ସୁନ୍ଦର ଓ ପରିଷ୍କାର ହେବା ଉଚିତ୍ ଓ ଲେଖିବା ନିମନ୍ତେ କଳା ସ୍ୟାହିର ବ୍ୟବହାର କରିବା ଓ କୌଣସି କଟାକଟି ନକରିବା ଉଚିତ୍ । ନା Correction Pen ନା ଅନ୍ୟ କୌଣସି ଜିନିଷ ବ୍ୟବହାର କରନ୍ତୁ, ଯାହା ଫଳରେ ଫର୍ମ ସନ୍ଦେହ ଘେରକୁ ଆସିଯିବ । ଯଦି କୌଣସି କାରଣରୁ ଏପରି କିଛି ଭୁଲ ହୋଇଯାଏ, ତେବେ ନିକାହ ପୂର୍ବରୁ ପୁନର୍ବାର ନୂତନ ଫର୍ମ ପୂରଣ କରିନେବା ଉଚିତ୍ ।

## ଅନ୍ୟାନ୍ୟ ଆବଶ୍ୟକୀୟ ପ୍ରସଙ୍ଗ

### ବିବାହ ସମୟରେ ସାମାଜିକ ରୀତିନୀତି ଓ କୁପ୍ରଥାରୁ ନିବୃତ୍ତ ରହିବା

ଆଜିକାଲି ଅଣମୁସଲମାନ ଓ ଅଣଅହମଦିଙ୍କ ବିବାହ ସମୟରେ ଆୟୋଜିତ ଉତ୍ସବରେ ବହୁପ୍ରକାର ସାମାଜିକ ରୀତିନୀତି, ନାନାଦି ଅନ୍ଧବିଶ୍ୱାସ ଓ ଅପସଂସ୍କୃତି ଇତ୍ୟାଦି ପାଳନ କରାଯାଉଅଛି ଏବଂ ସମଗ୍ର ସମାଜ ତାହାର ଜାଲରେ ସମ୍ପୂର୍ଣ୍ଣ ରୂପେ କବଳିତ ହୋଇଯାଇଛି ।

ଅଧିକାଂଶ ଅଣଅହମଦି ଏହି ରୀତିନୀତିର ପାଳନ କରିଥାନ୍ତି, ଯାହାକି ସମ୍ପୂର୍ଣ୍ଣ ରୂପେ ଇସଲାମ ନୀତିନିୟମର ବିପରୀତ । ଆମେ ଅହମଦିମାନଙ୍କୁ ସେସବୁରୁ ନିବୃତ୍ତ ରହିବା ଆବଶ୍ୟକ । ଆମ ଉପରେ ହଜରତ ମସିହ ମଉଦ[ଅସ] ଓ ଖଲିଫାଙ୍କର ମହାନ କୃପା ରହିଛି ଯେ, ସେ ଆମକୁ ପ୍ରକୃତ ଇସଲାମୀୟ ଶିକ୍ଷା ସହିତ ପରିଚିତ କରାଇଲେ ଓ ସେ ସମସ୍ତ ମନ୍ଦ ରୀତିନୀତି ଓ କୁପ୍ରଥା ଯାହାକି ସମାଜରେ ନିଜର ଆଧିପତ୍ୟ ବିସ୍ତାର କରିବସିଛି, ତାହା ପରିତ୍ୟାଗ କରିବାକୁ କହିଛନ୍ତି । ଯଦି ଆଜି ଆମେ ପ୍ରକୃତ ଇସଲାମୀୟ ଶିକ୍ଷା ମୁତାବକ ପାଳନ କରି ସେହି ମନ୍ଦ ରୀତିନୀତି ଓ କୁପ୍ରଥାକୁ ବର୍ଜନ ନକରିବା, ତେବେ ଆମକୁ ଅସୁବିଧା ଭୋଗ କରିବାକୁ ପଡିବ ।

ସୁତରାଂ ଆଜି ପ୍ରତ୍ୟେକ ଅହମଦିଙ୍କର ଏହା ପରମ କର୍ତ୍ତବ୍ୟ ହେଉଛି ଯେ ବିବାହ ଉତ୍ସବ ସମୟରେ ସମାଜରେ ପ୍ରଚଳିତ ଅଯଥା ରୀତିନୀତି ଓ କୁପ୍ରଥାରୁ ନିବୃତ୍ତ ରହିବା ଏବଂ ନିଜ ପରିବେଶକୁ ମଧ୍ୟ ସେଥିରୁ ପବିତ୍ର ରଖିବାକୁ ଚେଷ୍ଟା କରିବା । ଉଦାହରଣ ସ୍ୱରୂପ :

୧. ମେହେନ୍ଦି ଲଗାଇବା ପ୍ରଥା

୨. ବିବାହ ଉତ୍ସବରେ ନାଚଗୀତ ଓ ବାଜାବାଲାଙ୍କୁ ଡ଼କାଇବା

୩. ଖାଇବାରେ ଅଯଥା ଖର୍ଚ୍ଚ କରିବା

୪. ଯୌତୁକ ଓ କନ୍ୟା ପକ୍ଷରୁ ଆସିଥିବା ଖାଦ୍ୟ ସାମଗ୍ରୀକୁ ଲୋକମାନଙ୍କୁ ଡ଼ାକି ଦେଖାଇବା ।

୫. ପରଦାର ସଠିକ୍ ବ୍ୟବସ୍ଥା ନକରିବା ।

୬. ଅଜଣା ମହିଳାମାନଙ୍କର ଫଟୋଗ୍ରାଫି ଓ ଭିଡ଼ିଓ କରିବା ଇତ୍ୟାଦି

## ମେହେନ୍ଦିର ପ୍ରଥା

ଜମାଅତ ଅହମଦିୟାର ପଞ୍ଚମ ଖଲିଫା[ଅବ] କହିଛନ୍ତି :

'ମେହେନ୍ଦିର ପ୍ରଥା ଏପରି ପ୍ରଚଳିତ ହେଉଛି ଯେ ତାହାକୁ ମଧ୍ୟ ବିବାହ ପରି ଗୁରୁତ୍ୱ ଦିଆଯାଉଛି । ସେଥିପାଇଁ ନିମନ୍ତ୍ରଣ ଦେବା, କାର୍ଡ଼ ଛପାଇବା, ଷ୍ଟେଜ୍ ସଜାଇବା ଇତ୍ୟାଦିରେ କେବଳ ଲୋକମାନେ ନିଜକୁ ସୀମିତ ରଖିନଥାନ୍ତି, ବରଂ ଅନେକ ଦିନ ପର୍ଯ୍ୟନ୍ତ ଏପରି ନିମନ୍ତ୍ରଣ ଦେବା କାର୍ଯ୍ୟ ଚାଲିଥାଏ । ବିବାହ ପୂର୍ବରୁ ଏପରି କାର୍ଯ୍ୟକ୍ରମ ଆରମ୍ଭ ହୋଇ ସମୟର ଅପଚୟ କରାଯାଇଥାଏ ତ ଅନ୍ୟ କେତେକ ସ୍ଥାନରେ କିଛି ସପ୍ତାହ ପୂର୍ବରୁ ଏହାକୁ ଆରମ୍ଭ କରାଯାଇଥାଏ ଏବଂ ପ୍ରତ୍ୟେକ ଦିନ ନୂଆ ନୂଆ ଷ୍ଟେଜ୍ ସଜା ଯାଉଥାଏ । ଏସବୁ କୁପ୍ରଥା ଅଜ୍ଞାନ ଲୋକମାନଙ୍କୁ କବଳିତ କରି ରଖିଛି... କେତେକ ଅହମଦି ଘରମାନଙ୍କରେ ମଧ୍ୟ ଏସବୁ ମନ୍ଦ ଓ କୁପ୍ରଥାକୁ ବେଶ୍ ବଢିଚଢି କରାଯାଉଅଛି । ବର୍ତ୍ତମାନ ମୁଁ ଅତି ସ୍ୱଷ୍ଟ ଶବ୍ଦରେ କହୁଅଛି : ଏ ସମସ୍ତ ଅପସଂସ୍କୃତି ଓ କୁପ୍ରଥାକୁ ଅନୁସରଣ କରନ୍ତୁ ନାହିଁ ଓ ତାହାକୁ ତୁରନ୍ତ ବନ୍ଦ କରନ୍ତୁ ।'

(ଖୁତବା ଜୁମା ୧୫ ଜାନୁଆରୀ ୨୦୧୦)

## ବିବାହ ସମୟରେ ପ୍ରଫେସନାଲ୍ ନାଚ ଓ ଗୀତବାଲାଙ୍କୁ ଡ଼ାକିବା

କେତେକ ସମୟରେ ଆମ ଦେଶମାନଙ୍କରେ ବିବାହ ଉତ୍ସବରେ ଏଭଳି ଅସଭ୍ୟ ଓ ଅଶ୍ଳୀଳ ଗୀତ ମାଇକରେ ବଜାଇଥାନ୍ତି ଯେ ତାହାକୁ ଶୁଣି ଲଜ୍ୟା ଲାଗେ । ଯେଉଁଥିରେ ଏଭଳି ଅଶ୍ଳୀଳ ଓ ମନ୍ଦ ଶବ୍ଦ ପ୍ରୟୋଗ ହୋଇଥାଏ ଯେ ଜଣା ନାହିଁ ଲୋକେ ତାହାକୁ କିପରି ଶୁଣି ବରଦାସ୍ତ କରନ୍ତି । ତାପରେ ସେହି ବାଦ୍ୟଗୀତର ତାଳେ ତାଳେ ନାଚିବା, ଯୁବତୀମାନଙ୍କ ସମାଗମ ହେବା କିମ୍ବା କନ୍ୟା ବିଦାୟ ହୋଇ ଯେତେବେଳେ ବର ଘରକୁ ଯାଏ, ସେତେବେଳେ କେତେକ ସ୍ଥାନରେ ମଧ୍ୟ ଏଭଳି ଅସଭ୍ୟ ନାଚଗୀତ ହୋଇଥାଏ ଓ ଉପସ୍ଥିତ ବନ୍ଧୁ ପରିଜନ

ଏଥିରେ ଯୋଗ ଦେଇଥାନ୍ତି । ତେବେ ଏଭଳି କାର୍ଯ୍ୟପାଇଁ କୌଣସି ମତେ ଅନୁମତି ଦିଆଯାଇ ପାରିବ ନାହିଁ ।

(ଖୁତବା ଜୁମା ୨୫ ନଭେମ୍ବର ୨୦୦୫)

## ଜାତିଭିତ୍ତିକ

ହଜରତ ମସିହ ମଉଦ[ଅସ] କହିଛନ୍ତି:

'ଆମ ପରିବେଶରେ ଅନ୍ୟ ଏକ କୁପ୍ରଥା ରହିଛି ଯେ ଆମେ ନିଜ ଜାତି ଗୋତ୍ରକୁ ଛାଡି ଅନ୍ୟ ଯୁବକକୁ ନିଜ କନ୍ୟା ଦେଇନଥାଉ । ଏପରିକି ତାଙ୍କ ଘରୁ କନ୍ୟା ଆଣିବାକୁ ମଧ୍ୟ ପସନ୍ଦ କରିନଥାଉ । ଏହା ସମ୍ପୂର୍ଣ୍ଣ ରୂପେ ଗର୍ବ ଓ ଅହଂ ଭାବର ପରିପ୍ରକାଶ । ଏହା ଶରିୟତ୍‌ରେ ଥିବା ଆଦେଶ ବିରୁଦ୍ଧ । ସମଗ୍ର ମାନବ ଜାତି ଅଲ୍ଲାଃଙ୍କର ଭକ୍ତ । ତେଣୁ ବନ୍ଧୁ ବାନ୍ଧିବା ସମୟରେ ଏହା ଦେଖିବା ଉଚିତ୍ ଯେ ଯାହା ସହ ନିକାହ କରିବାକୁ ଯାଉଛ ସେ ପୁଣ୍ୟବନ୍ତ ଓ ସତ୍‌ଚରିତ୍ର ମଣିଷ କି ନୁହଁ, ସେ ଏପରି କୌଣସି ସମସ୍ୟାରେ ଘେରି ହୋଇ ରହି ନାହିଁ ଯାହାକି ପରିବାରରେ କୌଣସି ବିଶୃଙ୍ଖଳା ସୃଷ୍ଟି କରିବାର ବାଟ ଖୋଲିଥାଏ । ଏହା ମନେ ରଖିବା ଉଚିତ୍ ଯେ ଇସଲାମରେ ଜାତିଭେଦ ବା ଗୋଷ୍ଠୀର ପ୍ରଭେଦର କୌଣସି ସ୍ଥାନ ନାହିଁ । କେବଳ ଧର୍ମପରାୟଣତା ଓ ପୁଣ୍ୟବାନକୁ ଗୁରୁତ୍ୱ ଦିଆଯାଇଛି । ଅଲ୍ଲାଃତାଲା କହିଛନ୍ତି:

إِنَّ أَكْرَمَكُمْ عِندَ اللهِ أَتْقَاكُمْ

ଅର୍ଥାତ 'ତୁମମାନଙ୍କ ମଧ୍ୟରେ ଯେ ସବୁଠାରୁ ଅଧିକ ପୁଣ୍ୟବନ୍ତ ସେ ଅଲ୍ଲାଃଙ୍କ ନିକଟରେ ସମସ୍ତଙ୍କ ଅପେକ୍ଷା ଅଧିକ ସମ୍ମାନୀୟ ।'

(ଅଲ୍ ହୁଜରାତ୍ ୧୪)

ହଜରତ ମସିହ ମଉଦ[ଅସ]ଙ୍କର ନିମ୍ନୋକ୍ତ ଆଦେଶରୁ ସ୍ପଷ୍ଟ ବାରି ହେଉଛି ଯେ ବନ୍ଧୁ ବାନ୍ଧିବା ପୂର୍ବରୁ ଜାତି ପ୍ରଥାରେ ପଡ଼ିବା ଉଚିତ୍ ନୁହେଁ । ବରଂ ସର୍ବଦା ଧର୍ମ ପରାୟଣତାକୁ ନିଜ ସମ୍ମୁଖରେ ରଖିବା ଉଚିତ୍ ।

## ରୂପରଙ୍ଗ ଓ ଚରିତ୍ର

ସୟଦନା ହଜରତ ଅମିରୁଲ୍ ମୁମିନିନ୍ ପଞ୍ଚମ ଖଲିଫା[ଅବ] ଫ୍ରାନ୍ସର ରାଜଧାନୀ ପ୍ୟାରିସ ଠାରେ ନିଜ ଖୁତବା ଜୁମା ୨୪ଡ଼ିସେମ୍ବର ୨୦୦୪ ମସିହାରେ ଏହିପରି କହିଥିଲେ :

'ଏହି ଅଭିଯୋଗମାନ ଅତି ସାଧାରଣ ହୋଇଯାଇଛି ଯେ କନ୍ୟାଟି ପୁଣ୍ୟବତୀ, ସତଚରିତ୍ରବତୀ, ଉତ୍ତମ ସ୍ୱଭାବ ଗୁଣ ସମ୍ପନ୍ନ, ଉଚ୍ଚ ଶିକ୍ଷିତା ତଥା ଜମାଅତି କାର୍ଯ୍ୟରେ ରୁଚି ରଖୁଥିଲେ ସୁଦ୍ଧା ଯଦି ସେ ରୂପବତୀ ନୁହେଁ କିମ୍ବା ବାଙ୍ଗରୀ ହୋଇଥିବା ଯାହା ଦେଖଣାହାରୀର ମନମୁତାବକ ନାହିଁ, ଏପରି କନ୍ୟାଙ୍କୁ ଲୋକେ ଆସି କେବଳ ଦେଖି ଚାଲିଯାଇଥାନ୍ତି ।

ଏଥିସମ୍ବନ୍ଧରେ ମୁଁ ପୂର୍ବରୁ ଥରେ ଧ୍ୟାନ ଆକର୍ଷିଣ କରିସାରିଛି ଯେ ରୂପ ଓ ଉଚ୍ଚତା ଫଟୋ ମାଧ୍ୟମରେ ଜଣା ଯାଇପାରେ । ତେବେ ଘରକୁ ଯାଇ ଯୁବତୀକୁ ଦେଖିବା ଓ ତାଙ୍କୁ ଅଯଥା କଷ୍ଟ ଦେବାର ଆବଶ୍ୟକତା ନାହିଁ । ତେଣୁ ଏହା ଅଲ୍ଲାଃତାଲାଙ୍କ ଆଦେଶ ଯେ ଏସବୁ ଜିନିଷକୁ ତୁମେ ଅଧିକ ଗୁରୁତ୍ୱ ଦିଅ ନାହିଁ । ବରଂ ସେହି ଯୁବତୀ ଧର୍ମପରାୟଣ କି ନାହିଁ ତାହା ଦେଖ । ଏଥିପାଇଁ ହଜୁର[ସଅ] କହିଥିଲେ 'ଯଦି ନିଜ ଆଗାମୀ ପିଢିକୁ ରକ୍ଷା କରିବାର ଅଛି, ତେବେ ଧାର୍ମିକ ଯୁବତୀର ଚୟନ କର । ଯଦି ଏହାକୁ ପ୍ରାଥମିକତା ଦେବେ ତେବେ ହଜୁର[ସଅ]ଙ୍କ ଦୁଆର ଭାଗୀଦାରୀ ହେବ ଓ ନିଜ ସନ୍ତାନମାନଙ୍କୁ ମଧ୍ୟ ଧର୍ମକର୍ମରେ ରୁଚି ରଖୁଥିବାର ଦେଖିବାକୁ ପାଇବ ।

କେତେକ ଲୋକ କନ୍ୟା ଦେଖିବା ସମୟରେ ଏଭଳି ତନ୍ନ ତନ୍ନ କରି ଦେଖିଥାନ୍ତି, ଯେମିତି ବଳି ପଡ଼ିବାକୁ ଯାଉଥିବା ଛେଳିକୁ ନିରେଖି ଦେଖାଯାଇଥାଏ । ବିବାହ ଏକ ପବିତ୍ର ବନ୍ଧନ, ଏହା କୌଣସି ଗୋଟିଏ ପକ୍ଷର ବଳିଦାନ ଦେବାର ନାମ ନୁହେଁ, ବରଂ ଉଭୟ ପକ୍ଷ ପରସ୍ପର ପ୍ରତି ତ୍ୟାଗର ଭାବନା ସୃଷ୍ଟି କରିବାର ନାମ ।

ହଜରତ ଅବଦୁଲ୍ଲାଃ ବିନ୍ ଉମରୋ[ରଅ] ବର୍ଣ୍ଣନା କରିଛନ୍ତି ଯେ ହଜରତ ମୁହମ୍ମଦ[ସଅ] କହିଛନ୍ତି: 'ଏହି ଭବ ସଂସାର ତ ଜୀବନ ନିର୍ବାହ ପାଇଁ କେବଳ ଏକ ଅଳିକ ବସ୍ତୁ ମାତ୍ର । ଏଠାରେ ପୁଣ୍ୟବାନ ସଙ୍ଗୀନି ସହିତ ଜୀବନ ଅତିବାହିତ କରିବା ଠାରୁ ବଳି ଅନ୍ୟ କୌଣସି ସୁନ୍ଦର ବସ୍ତୁ ନାହିଁ ।

(ଇବନେ ମାଜା, ଅବଓ୍ୱାବୁ ନିକାହ, ଭାଗ ଅଫଜଲ ନିସା)

ସେହି ଲୋକମାନେ ଯେ ପ୍ରତ୍ୟେକ ବିଷୟକୁ ସାଂସାରିକତାର ନିକିତିରେ ତଉଲୁଛନ୍ତି, ସେମାନଙ୍କୁ ମଧ୍ୟ ଏହି ହଦିସ୍ ନିଜ ସମ୍ମୁଖରେ ରଖିବା ଉଚିତ୍ ଯେ ପୁଣ୍ୟବତୀ ନାରୀ ସହିତ ଜୀବନ ଅତିବାହିତ କରିବା ଠାରୁ ବଳି ତୁମ ପାଇଁ ଅନ୍ୟ କୌଣସି ସଂସାରିକ ବସ୍ତୁ ନାହିଁ । ସେହି ନାରୀ ଉତ୍ତମ ରୂପେ ତୁମ ଘର ଚଳାଇବା ସହିତ ତୁମ ସନ୍ତାନମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ମଧ୍ୟ ଦେବ । ପରିଣାମ ସ୍ୱରୂପ ତୁମେ ଧର୍ମ ଓ ସଂସାର ଉଭୟ କ୍ଷେତ୍ରରେ କୃତକାର୍ଯ୍ୟ ହେବ ଓ ତୁମ ଜୀବବ ଧନ୍ୟ ହେବ ।

## ନିମନ୍ତ୍ରଣ ଭୋଜି ଓ ବଦ୍ ଖର୍ଚ୍ଚ

ବିବାହ ଉତ୍ସବ ଅବସରରେ ସୟଦନା ହଜରତ ଖଲିଫତୁଲ୍ ମସିହ ଚତୁର୍ଥ[ରଅ] ୧୧ ଫେବୃଆରୀ ୧୯୯୪ ମସିହାରେ ଏମ.ଟି.ଏ ସହ କଥୋପକଥନ ସମୟରେ ଏବଂ ପରେ ନିଜ ଖୁତବା ଜୁମା ୧୩ ମଇ ୧୯୯୪ ମସିହାରେ ବିବାହ ଉତ୍ସବରେ ଅତିଥି ସତ୍କାର କରିବା ସମ୍ବନ୍ଧରେ ନିଜ ମତ ପ୍ରକାଶ କରି କହିଲେ: 'ଆନନ୍ଦ ଉଲ୍ଲାସ ସମୟରେ ଅତିଥିମାନଙ୍କୁ ଖାଦ୍ୟ ଖୁଆଇବା ହେଉଛି ଏକ ସାମାନ୍ୟ ସୁନ୍ନତର ଅନୁସରଣ କରିବା । ବିବାହ ଉତ୍ସବରେ ଆନନ୍ଦ ଉପଭୋଗ କରିବା ଏବଂ ଅତିଥିମାନଙ୍କ ସତ୍କାର କରିବା ଉଚିତ୍ । କିନ୍ତୁ ଉକ୍ତ ଅବସରରେ ଅଲ୍ଲାଃଙ୍କ ନିର୍ଦ୍ଦେଶ **'କୁଲୁ ଓ୍ୱଅଶ୍ରବୁ ଓ୍ୱଲା ତସର୍ରଫୁ'**କୁ ଧ୍ୟାନରେ ରଖିବା ମଧ୍ୟ ଅତ୍ୟନ୍ତ ଜରୁରୀ । ଅଯଥା ଖର୍ଚ୍ଚ କରିବାରୁ ସର୍ବଦା ନିବୃତ୍ତ ରହିବା ଉଚିତ୍ ।'

ହଜୁର ଆହୁରି କହିଛନ୍ତି: 'କୌଣସି କାର୍ଯ୍ୟକ୍ରମରେ ଅଯଥା ଖର୍ଚ୍ଚ କରିବା ସାଧାରଣତଃ କୁପ୍ରଥାର ଅନୁସରଣ କରିବା ଦ୍ୱାରା ହୋଇଥାଏ । ଇସଲାମ ଏହାର ଅନୁମତି ଦେଇ ନଥାଏ । ଏଥିନିମନ୍ତେ ଏହି କୁପ୍ରଥା ଯାହାକି ପରିବେଶରେ ଅନୁପ୍ରବେଶ କରିଛି ସେଥିରୁ ନିବୃତ ରହିବା ଅନିବାର୍ଯ୍ୟ ଯେପରି କି ନାଚ, ଗୀତ, ବାଜା ବଜାଇବା ଓ ସିନେମା ଗାନା ଶୁଣିବା ଇତ୍ୟାଦି ଇତ୍ୟାଦି ।

ଆମ ଜମାଅତରେ ଅନେକ ପ୍ରଥା ଏପରି ପ୍ରଚଳିତ ଅଛି ଯେ ବିବାହ ଉତ୍ସବରେ ଲୋକମାନେ ଅନେକ ଅଭଦ୍ରାମୀ ଓ ଖରାପ ହରକତ କରି ବସିଥାନ୍ତି, ଯାହା ଦେଖିଲେ ଜଣେ ଲୋକ ଘୃଣା କରି ବସିବ । ଏପରି ଲୋକମାନଙ୍କ ଉପରେ ଦୟା ଆସେ ଯେ ସେ ସମସ୍ତ ମନ୍ଦକାର୍ଯ୍ୟ ଯେଉଁଥିରୁ ହଜରତ ମସିହ ମଉଦ[ଅସ] ଆମକୁ ବାହାର କରି ଆଲୋକକୁ ଆଣିଲେ, ଆମେ ପରସ୍ପର ଠାରୁ ସାଂସାରିକ ଉନ୍ନତିରେ ଆଗକୁ ବଢିବା ଉଦ୍ଦେଶ୍ୟରେ ତାହାର ପୁନରାବୃତ୍ତି କରିବାକୁ ଚେଷ୍ଟା କରୁଅଛେ... ଅତଏବ ପବିତ୍ର କୁରଆନ ଅଜସ୍ର ଧନସମ୍ପତି ହାସଲ କରିବା ଏକ ଲାଭଦାୟକ ବିଷୟ ନୁହେଁ ବରଂ କ୍ଷତିର କାରଣ ବୋଲି ଦର୍ଶାଇଛନ୍ତି । ଅଯଥା ଖର୍ଚ୍ଚ କରୁଥିବା ଲୋକମାନଙ୍କ ସମ୍ବନ୍ଧରେ କହିଛନ୍ତି 'ସେମାନେ ଶୈତାନର ଭାଇ ଯିଏ ଏପରି ନିଜ ସମ୍ପତ୍ତିକୁ ନଷ୍ଟ କରିଥାନ୍ତି । ଯେଭଳି ଶୈଳୀରେ ସେମାନେ ବିବାହ ଉତ୍ସବ ପାଳନ କରିଥାନ୍ତି ସେମାନଙ୍କ ଆଚରଣ ଏହା ଦର୍ଶାଇଥାଏ ଯେ ସେମାନେ ଅହମଦି ଚାଲିଚଳଣ ଠାରୁ ଭିନ୍ନ । ତେଣୁ ସେମାନଙ୍କୁ ଶିଷ୍ଟାଚାରର ଶିକ୍ଷା ଦେବା ଓ ନମ୍ରତାର ସହିତ ବୁଝାଇବା ଆମର କର୍ତ୍ତବ୍ୟ । ଆମର ଆଚରଣ ଅତ୍ୟନ୍ତ ଉଚ୍ଚ କୋଟୀର ହେବା ଉଚିତ । ଶିଷ୍ଟାଚାର ଦେଖାଇବା ଓ ଆବଶ୍ୟକତା ଠାରୁ ଅଧିକ ଖର୍ଚ୍ଚ ନକରିବା ତଥା ସେତିକିରେ ଆନନ୍ଦ ଉପଭୋଗ କରିବା ସର୍ବାଦୌ ବାଞ୍ଛନୀୟ । ତେଣୁ ମିତବ୍ୟୟୀତା ଅବଲମ୍ବନ କରିବା ଆମ ପାଇଁ ସବୁବେଳେ ହିତକର ।'

ହଜୁର ଆହୁରି କହିଛନ୍ତି: 'ନିଜ ପରିବେଶରେ ଏହି ଜାଗରଣ ସୃଷ୍ଟି କରିବା ଆବଶ୍ୟକ ଯେ ଯଦି ଆମର ଅଧିକ ଖର୍ଚ୍ଚ କରିବାର ସମ୍ବଳ ଅଛି, ତେବେ ଆମକୁ ଅନ୍ୟ ଗରୀବ ଶ୍ରେଣୀର ଲୋକଙ୍କ କନ୍ୟାମାନଙ୍କ ବିବାହ ଖର୍ଚ୍ଚ ବହନ କରିବା ଉଚିତ୍... ଏଥିନିମନ୍ତେ ଧନୀକ ଶ୍ରେଣୀମାନଙ୍କୁ ଏହା ଆବଶ୍ୟକ ଯେ ସେମାନେ ନିଜର ପ୍ରତ୍ୟେକ ବିବାହ ଅବସରରେ ବିବାହ ଖର୍ଚ୍ଚର ଏକ ଅଂଶ ଯେପରି କି ଦଶଭାଗରୁ ଏକ ଭାଗ ଗୋପନରେ ଜମାଅତକୁ ଅର୍ପଣ କରିଦିଅନ୍ତୁ ଯଦ୍ୱାରା ଅଭାବଗ୍ରସ୍ତ କନ୍ୟାମାନଙ୍କ ବିବାହରେ ତାହା ଖର୍ଚ୍ଚ ହୋଇପାରିବ । ତାଙ୍କର ବିବାହ ଉତ୍ସବରେ ଆବଶ୍ୟକ ଭୋଜିର ଆୟୋଜନ କରା ଯାଇପାରିବ । ଏତତ୍‌ଦ୍ୱାରା ପାରସ୍ପରିକ ସ୍ନେହ ଶ୍ରଦ୍ଧା ଓ ପ୍ରେମଭାବ ବୃଦ୍ଧି ହେବା ସହିତ ଗରିବ ଧନୀ ମଧ୍ୟରେ ଥିବା ପାର୍ଥକ୍ୟ ଦୂର ହେବ ତଥା ସେମାନେ ପରସ୍ପରର ନିକଟତର ହେବେ।'

## ପାଳିତ ସନ୍ତାନ ସମ୍ବନ୍ଧରେ ନିର୍ଦ୍ଦେଶ

ପାଳିତ ସନ୍ତାନ ସମ୍ବନ୍ଧରେ ନିମ୍ନୋକ୍ତ ନିର୍ଦ୍ଦେଶାବଳୀ ଉପରେ ପାଳନ କରନ୍ତୁ, ଯେପରିକି ପବିତ୍ର କୁରଆନରେ ଅଲ୍ଲାଃ ଦର୍ଶାଇଛନ୍ତି :

وَمَا جَعَلَ أَدْعِيَاءَكُمْ أَبْنَاءَكُمْ

ଅର୍ଥାତ 'ତୁମେ (ନିଜ)ପାଳିତ ପୁତ୍ରଙ୍କୁ ନିଜ ସନ୍ତାନ କୁହ ନାହିଁ।'

**(ଅଲ୍ ଅହଜାବ୍ ୫)**

ଅଲ୍ଲାଃଙ୍କ ଏହି ଆଦେଶରୁ ସ୍ପଷ୍ଟ ହେଉଛି ଯେଉଁମାନେ ଅନ୍ୟର ଛୁଆକୁ ନେଇ ଲାଳନପାଳନ କରିଥାନ୍ତି ସେମାନେ କଦାପି ତାଙ୍କ ନିଜସ୍ୱ ସନ୍ତାନ ନୁହନ୍ତି । ତେଣୁ ନିକାହ ଫର୍ମ ପୂରଣ କରିବା ସମୟରେ ଏହା ମନେ ରଖିବା ଉଚିତ୍ ଯେ ବରକନ୍ୟାଙ୍କ ପ୍ରକୃତ ପିତାମାତାଙ୍କ ନାମ ଉଲ୍ଲେଖ କରିବାକୁ ହେବ ।

ଅନେକ ସମୟରେ ସମ୍ପର୍କୀୟମାନେ ଏହା କହିଥାନ୍ତି ଯେ ଲାଳନପାଳନ କରିଥିବା ପିତାମାତାଙ୍କ ନାମ ଉଲ୍ଲେଖ କରନ୍ତୁ, କିନ୍ତୁ ଏହା ଶରିୟତ୍‌ର ନିର୍ଦ୍ଦେଶ ମୁତାବକ ନୁହେଁ । ସୁତରାଂ ଏପରି ପିତାମାତା ଯେଉଁମାନେ ଅନ୍ୟର ଛୁଆକୁ ପୋଷ୍ୟ ରୂପେ ଗ୍ରହଣ କରିଥାନ୍ତି, ସେମାନେ ସେହି ପିଲାମାନଙ୍କର ପ୍ରକୃତ ମାତାପିତାଙ୍କ ନାମ ସରକାରୀ ଓ ବେସରକାରୀ କାଗଜ ପତ୍ରରେ ଉଲ୍ଲେଖ କରନ୍ତୁ । ଏହା ଦ୍ୱାରା ପିଲାମାନେ କୌଣସି ଆସନ୍ନ ଅସୁବିଧାର ସମ୍ମୁଖୀନ ହେବେ ନାହିଁ ।

## ବିଧବା ବିବାହ

ହଜରତ ମସିହ ମଉଦ[ଅସ] କହିଛନ୍ତି : 'ବିଧବାମାନଙ୍କ ପୁନଃ ନିକାହ କରିବା ଏପରି ହେବା ଆବଶ୍ୟକ ଯେମିତି କି ଅବିବାହିତା କନ୍ୟାର ବିବାହ କରାଇବା । ଯେହେତୁ କେତେକ ଗୋଷ୍ଠୀ ବିଧବା ମହିଳାଙ୍କର ଦ୍ୱିତୀୟ ବିବାହ କରାଇବା ଦ୍ୱାରା ନିଜର ସମ୍ମାନ ହାନୀ ହେବାର ଆଶଙ୍କା କରିଥାନ୍ତି ଓ ଏହାକୁ ହିନମାନ୍ୟତା ଭାବିଥାନ୍ତି । ସମାଜରେ ଏହି କୁପ୍ରଥା ବେଶ ବିସ୍ତାର ଲାଭ କରିଛି । ଏଥିନିମନ୍ତେ ବିଧବାଙ୍କ ନିକାହ କରାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ ଏହାର ଅର୍ଥ ନୁହେଁ ଯେ ପ୍ରତ୍ୟେକ ବିଧବା ମହିଳାର ନିକାହ କରିବା ଜରୁରୀ । ନିକାହ ତ ତାହାର ହେବ ଯେ ନିକାହ କରିବା ପାଇଁ ଯୋଗ୍ୟା ବିବେଚିତ ହେବ ।'

(ମଲଫୁଜାତ୍, ଭାଗ ୫, ପୃ ୩୨୦)

ସୁତରାଂ ସମସ୍ତ କର୍ମକର୍ତ୍ତାଙ୍କର ଏହା କର୍ତ୍ତବ୍ୟ ଯେ ଉପରୋକ୍ତ ନିର୍ଦ୍ଦେଶ ଅନୁଯାୟୀ ବିବାହ ସମ୍ବନ୍ଧୀୟ ସମ୍ପର୍କ ସ୍ଥାପନ କରିବା ସମୟରେ ଜମାଅତର ବିଧି ବ୍ୟବସ୍ଥାକୁ ସମ୍ମୁଖରେ ରଖନ୍ତୁ ଓ ସେମାନେ ଜମାଅତର ସଦସ୍ୟମାନଙ୍କୁ ହଜରତ ମସିହ ମଉଦ[ଅସ]ଙ୍କ ଶିକ୍ଷା ସମ୍ବନ୍ଧରେ ଅବଗତ କରାନ୍ତୁ । ତାପରେ ଯଦି କେହି ଏହାର ଉଲଙ୍ଘନ କରନ୍ତି, ତେବେ ତାହାର ସୂଚନା ସଙ୍ଗେ ସଙ୍ଗେ ମରକଜ୍‌କୁ ଦିଅନ୍ତୁ ଓ ଏପରି ବିବାହରେ କଦାପି

ଯୋଗ ଦିଅନ୍ତୁ ନାହିଁ । ଏହା ମଧ୍ୟ ପ୍ରୟାସ କରନ୍ତୁ ଯେ ଅହମଦି ଯୁବକ ଯୁବତୀଙ୍କ ମଧ୍ୟରେ ବିବାହ କାର୍ଯ୍ୟ ଇସଲାମରେ ପ୍ରଣୀତ ନୀତିନିୟମ ଅନୁଯାୟୀ ସମ୍ପନ୍ନ କରାଯିବ । ଯଦ୍ୱାରା ଏହା ଏକ ଆଦର୍ଶ ବିବାହ ରୂପେ ମର୍ଯ୍ୟାଦା ଲାଭ କରିବ । ଆମର ନୂତନ ପିଢି ସେହି ପୁରସ୍କାରର ଅଂଶୀଦାର ହୁଅନ୍ତୁ, ଯାହାକି ଯୁଗାବତାରଙ୍କ ବୟତ କରିବା ଫଳରେ ହାସଲ ହୋଇଥାଏ ।

ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ସବୁ ନିର୍ଦ୍ଦେଶନାମା ଉପରେ ଆନ୍ତରିକ ନିଷ୍ଠାର ସହିତ ପାଳନ କରିବାକୁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । (ଆମିନ୍)

# Notes For Premarital Counselling

*(Directions given by Hazrat Khalifatul Masih V$^{th}$)*

(in Odia)